# ରୋଟାରୀ ପକ୍ଷରୁ ଜଳ ବିଶୋଧନ ଯନ୍ତ୍ର ସ୍ଥାପନ

ବ୍ରହ୍ମପୁର,୧୯।୭(ସମିସ): ସ୍ଥାନୀୟ ହାଉସିଂ ବୋର୍ଡ ସ୍ଥିତ ଆୟାପ୍ପା ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ବ୍ୟବହାର ପାଇଁ ରୋଟାରୀ ଜିଲ୍ଲା-୩୨୬୨ ଏବଂ ରୋଟାରୀ କ୍ଲବ ଅଫ୍ ବ୍ରହ୍ମପୁର ଇଷ୍ଟ ପକ୍ଷରୁ ଏକ ଜଳ ବିଶୋଧନ ଯନ୍ତ୍ର ସ୍ଥାପିତ ହୋଇଯାଇଛି। ରୋଟାରୀ ଜିଲ୍ଲା-୩୨୬୨ର ଗଭର୍ଣ୍ଣର ରୋଟାରିଆନ ଯଜ୍ଞାଶୀଷ ମହାପାତ୍ର ଏହି ଜଳ ବିଶୋଧନ ଯନ୍ତ୍ରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଜଳ ବିଶୋଧନ ଯନ୍ତ୍ର ସ୍ଥାପନ ଦ୍ୱାରା ମନ୍ଦିର ପରିସରକୁ ଆସୁଥିବା ଶ୍ରଦ୍ଧାଳୁ ବିଶୁଦ୍ଧ ପାନୀୟ ଜଳ ପାଇ ପାରିବେ ବୋଲି ମନ୍ଦିର ପରିଚାଳନା କମିଟିର ପକ୍ଷରୁ ରୋଟାରୀ କ୍ଲବର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇ ଥିଲେ। ଏହି କାର୍ଯ୍ୟକ୍ରମରେ ରୋଟାରୀକ୍ଲବ ଅଫ୍ ବ୍ରହ୍ମପୁର ଇଷ୍ଟର ସଭାପତି ଜୟନ୍ତ କିଶୋର ପାତ୍ରଙ୍କ ସଂଯୋଜନାରେ ପରିଚାଳିତ ଏଇ କାର୍ଯ୍ୟକ୍ରମରେ ସମ୍ପାଦକ ଏସ୍ ଦୁର୍ଗା ରାଓ, ପୂର୍ବତନ ସଭାପତି ଅଜିତ କୁମାର ପୃଷ୍ଟି, ଆଇ. ରାଜେଶ୍ୱର ରାଓ,



ଡବ୍ଲୁ ଧନ୍ୱନ୍ତରୀ, ପ୍ରଦୀପ କୁମାର ପଣ୍ଡା, ଅସିତ ଦତ୍ତ, ସନ୍ତୋଷ କୁମାର ତ୍ରିପାଠୀ, ରାମା ରାଓ ପ୍ରମୁଖ ଉପସ୍ଥିତ ଥିଲେ।